## ସଂକ୍ଷେପରେ

### ପୂର୍ବଶତ୍ରୁତାରୁ ଗୁଳିମାଡ଼, ଯୁବକ ଗୁରୁତର

ଛେଣ୍ଡିପଦା,୨୫।୧୧(ସ୍ୱ.ପ୍ର.)- ଛେଣ୍ଡିପଦା ଥାନା ପାତ୍ରପଡା ଗ୍ରାମରେ ପୂର୍ବଶତ୍ରୁତାକୁ ନେଇ ଗୁଳିମାଡ ହୋଇଛି। ଏଥିରେ ପାତ୍ରପଡା ଗ୍ରାମର ଧରଣୀଧର ସାହୁ ଗୁରୁତର ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ରବିବାର ବିଳମ୍ବିତ ରାତିରେ ଦୁଇଟି ଗାଡିରେ ୯ରୁ ୧୦ ଜଣ ଯୁବକ ଧରଣୀଧର ସାହୁଙ୍କ ପାତ୍ରପଡାରେ ରହୁଥିବା ଝିଅ ଘର ଆଗକୁ ଆସି ମାରଣାସ୍ତ୍ର ଧରି ପାଟିତୁଣ୍ଡ କରୁଥିଲେ। ଖବରପାଇ ଧରଣୀଧର ଓ ତାଙ୍କ ପୁଅ ଜିତେନ୍ଦ୍ର ଘର ନିକଟକୁ ଆସୁଥିବାବେଳେ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। ଗୋଟିଏ ଗୁଳି ଧରଣୀଧରଙ୍କ ଡାହାଣ ଗୋଡରେ ବାଜିଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ଛେଣ୍ଡିପଦା ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖବରପାଇ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

### ଜରିମାନା ଆଦାୟ, ମାମଲା ରୁଜୁ

ବଇଣ୍ଡା,୨୫।୧୧(ଡି.ଏନ.ଏ.)- କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ହଣ୍ଡପା ଥାନା ସମ୍ମୁଖରେ ରବିବାର ସନ୍ଧ୍ୟାରେ ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଇଥିଲା। ଉଭୟପାର୍ଶ୍ୱରୁ ଆସୁଥିବା ବାଇକ୍ ଗୁଡ଼ିକୁ ଅଟକାଇ ହେଲମେଟ, କାଗଜପତ୍ର ଆଦି ଯାଞ୍ଚ କରାଯାଇଥିଲା। ଏଥିରେ ୪ଟି ମାମଲା ରୁଜୁ କରାଯିବା ସହ ୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ହଣ୍ଡପା ସେକେଣ୍ଡ ଅଫିସର ସରୋଜ ଦାସ ଏହି ଯାଞ୍ଚ କରିଥିଲେ।

### ମଦ୍ୟପଙ୍କ ଆଡ୍ଡା, ଥାନାରେ ଅଭିଯୋଗ

ବଇଣ୍ଡା,୨୫।୧୧(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ଜନତା କଲେଜ ପରିସର ଓ ଖେଳ ପଡ଼ିଆରେ ସନ୍ଧ୍ୟା ସମୟରେ ମଦପ୍ୟଙ୍କ ଆଡ୍ଡା ଜମୁଛି। କେତେଜଣ ଯୁବକ ମଦ୍ୟପାନ କରି କାଚ ବୋତଲ ଭାଙ୍ଗି କଲେଜ ପରିସରରେ ପକାଇବା ନେଇ ସୋମବାର କଲେଜ ପକ୍ଷରୁ ବଇଣ୍ଡା ଫାଣ୍ଡିରେ ଅଭିଯୋଗ ହୋଇଛି। ଘଟଣାରୁ ଜଣାପଡ଼ିଛି, ପ୍ରତିଦିନ ସନ୍ଧ୍ୟାରେ ଅସାମାଜିକମାନେ କଲେଜ ଓ ଖେଳ ପଡ଼ିଆରେ ମଦ୍ୟପାନ କରି ଗଣ୍ଡଗୋଳ ସୃଷ୍ଟି କରୁଛନ୍ତି। ଏଥିସହିତ କାଚ ବୋତଲ ଭାଙ୍ଗି ପକାଇ ଦେଉଛନ୍ତି। ଫଳରେ ଛାତ୍ରୀଛାତ୍ରଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

### ନୂତନ ଏସ୍‌ଡିପିଓଙ୍କ ଯୋଗଦାନ



ଆଠମଲ୍ଲିକ,୨୫।୧୧(ଡି.ଏନ.ଏ.)- ଆଠମଲ୍ଲିକର ନୂତନ ଏସ୍‌ଡିପିଓ ଭାବେ ସୋମବାର ଭବାନୀ ଶଙ୍କର ଉଦ୍‌ଗାତା ଯୋଗ ଦେଇଛନ୍ତି। ଉଦ୍‌ଗାତା ୨୦୦୫ରେ ରାଷ୍ଟ୍ରପତି ପୋଲିସ ପଦକ ପାଇଛନ୍ତି। ସେ ସମ୍ବଲପୁର, ସୋନପୁର ଜିଲାରେ ଏସ୍‌ଡିପିଓ ଭାବେ କାର୍ଯ୍ୟ କରିଥିବାବେଳେ ବହୁ ବର୍ଷ ଧରି ଅନୁଗୋଳ ଜିଲାରେ କାର୍ଯ୍ୟରତ ଥିଲେ। ଆଠମଲ୍ଲିକ ଉପଖଣ୍ଡର ଆଇନଶୃଙ୍ଖଳା ପ୍ରତି ଦୃଷ୍ଟି ଦେବା ସହିତ ଜନସାଧାରଣଙ୍କୁ ପୋଲିସ ନିକଟରୁ ଉଚିତ ନ୍ୟାୟ ଦିଆଯିବା ଦିଗରେ ସେ ଧ୍ୟାନ ଦେବେ ବୋଲି ପ୍ରକାଶ କରିଛନ୍ତି।

### ଅବକାରୀ ଚଢ଼ାଉ, ୨ ଗିରଫ

ବଇଣ୍ଡା,୨୫।୧୧(ଡି.ଏନ.ଏ.)- ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ହଣ୍ଡପା ଥାନା ବୁଢ଼ୁଲିମୁଣ୍ଡା ଗ୍ରାମରେ ଚଢ଼ାଉ କରାଯାଇ ଏକ ବିଲମାଳରୁ ୨ ହଜାର କେଜି ମହୁଲ ପୋଚ ଜବତ କରାଯାଇଛି। ଏଥିସହିତ ମନୋଜ କୁମାର ସାହୁ ଓ ପ୍ରେମାନନ୍ଦ ସାହୁଙ୍କ ଘରୁ ୨୨ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ଉଭୟଙ୍କୁ ଗିରଫ କରାଯାଇଛି। ଉକ୍ତ ଗ୍ରାମରେ ଚୋରା ମଦ କାରବାର ହେଉଥିବା ଅଭିଯୋଗ ପରେ ମାଜିଷ୍ଟ୍ରେଟ ଭାବେ କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରାସଦ ସାହୁ, ଉପଅଧୀକ୍ଷକ କ୍ରିଷ୍ଣା ନାୟକ, ଆଠମଲ୍ଲିକ ନିରୀକ୍ଷକ ସୁମିତ ତ୍ରିପାଠୀ, ଦିଲୀପ କୁମାର ବେହେରା, ରମାକାନ୍ତ ଚାନ୍ଦ ପ୍ରମୁଖ ଚଢ଼ାଉ କରିଥିଲେ।

■କ୍ଲୋରିନ ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ

# ଜେଏସ୍‌ପିଏଲ୍ ପଦକ୍ଷେପକୁ ପ୍ରଶଂସା

ଅନୁଗୋଳ ଅଫିସ, ୨୫।୧୧




ଫାକ୍ଟ୍ରିଜ ଆଣ୍ଡ ବଏଲର୍ସ ଅନୁଗୋଳ ଜୋନ ସହ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍) ପରିସରରେ କ୍ଲୋରିନ ନିରାପତ୍ତା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲୋରିନ ଗ୍ୟାସ ନିରାପତ୍ତା ପାଇଁ ଆବଶ୍ୟକ ହେଉଥିବା ବ୍ୟବସ୍ଥା ଉପରେ ଆଲୋଚନା କରିବା ସହ ଆପାତକାଳୀନ ପରିସ୍ଥିତିରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଉପସ୍ଥିତ ୧୫୦ ଜଣ କର୍ମଚାରୀ, ଶ୍ରମଜୀବୀଙ୍କୁ ସହ ନିର୍ଦ୍ଦେଶକ ସାମନ୍ତରାୟ ସଚେତନ କରାଇଥିଲେ। ଏହି ଅବସରରେ ଜେଏସ୍‌ପିଏଲ୍ ମ୍ୟାନେଜମେଣ୍ଟ ଦ୍ୱାରା ନିରାପତ୍ତା ପାଇଁ ନିଆଯାଉଥିବା ବହୁବିଧ ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ। ନିର୍ବାହୀ ନିର୍ଦ୍ଦେଶକ ମେଣ୍ଟେନାନ୍ସ ସୁରେଶ କୁମାର, ଜେଏସ୍‌ପିଏଲ୍ ଗ୍ରୁପ୍ ସୁରକ୍ଷା ବିଭାଗ ମୁଖ୍ୟ ରବିକାନ୍ତ ସୋମନୀ ଓ ବିଭିନ୍ନ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। ଜେଏସ୍‌ପିଏଲ୍ ମ୍ୟାନେଜମେଣ୍ଟ ପକ୍ଷରୁ ମଧ୍ୟ ଠିକଣା ଦିଗ୍‌ଦର୍ଶନ ପାଇଁ ସାମନ୍ତରାୟଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା। ଜେଏସ୍‌ପିଏଲ୍ ଓଡ଼ିଶାର ମୁଖ୍ୟ ପରିଚାଳନା ଅଧିକାରୀ ପଙ୍କଜ ଗୀତମ ଏହି ଅବସରରେ ସମସ୍ତଙ୍କୁ ସୁରକ୍ଷା ନିୟମ ମାନି କାର୍ଯ୍ୟ କରିବାକୁ ପରାମର୍ଶ ଦେବା ସହ ଏକ ଦାୟିତ୍ୱସମ୍ପନ୍ନ କର୍ପୋରେଟ ହିସାବରେ ଜେଏସ୍‌ପିଏଲ୍ ସମଗ୍ର ବ୍ୟବସାୟିକ କାର୍ଯ୍ୟରେ ବିଶ୍ୱସ୍ତରୀୟ ନିରାପତ୍ତା ବ୍ୟବସ୍ଥା ଆପଣାଇଥାଏ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଜେଏସ୍‌ପିଏଲ୍ ପରିସରରେ ନିରାପତ୍ତା ସମ୍ବନ୍ଧୀୟ ଏକ ଉପକ୍ରମ 'ଆଇନା' ପ୍ଲେଟ ମିଲ ଓ ଶିଣ୍ଟର ପ୍ଲାଣ୍ଟଠାରେ ଉଦ୍‌ଘାଟନ ହୋଇଥିଲା। ଉଭୟ ୟୁନିଟ୍ ମଧ୍ୟରେ ଉତ୍କୃଷ୍ଟ ଆଇନା ପ୍ରଦର୍ଶନ ପାଇଁ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ବିଭାଗୀୟ ମୁଖ୍ୟ ପ୍ଲେଟ ମିଲ ଯୋଗେଶ ପଟେଲ, ବିଭାଗୀୟ ମୁଖ୍ୟ ଶିଣ୍ଟର ପ୍ଲାଣ୍ଟ ବ୍ରିଜ ଭଦଦ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଜିଏମ୍ ନିରାପତ୍ତା ନବୀନ ଗୀତମ କାର୍ଯ୍ୟକ୍ରମଟି ସଂଯୋଜନା କରିଥିଲେ।

## ମାର୍କେଟିଂ ପାଇଁ ଆସି ପ୍ରେମିକଙ୍କ ସହ ମହିଳା ଫେରାର

ଅନୁଗୋଳ ଅଫିସ, ୨୫।୧୧

ସ୍ୱାମୀ ଓ ୪ ବର୍ଷର ଶିଶୁପୁତ୍ର ସହ ସମ୍ପର୍କକୁ ଭୁଲି ଜଣେ ମହିଳା ପ୍ରେମିକ ସହ ଫେରାର ହୋଇଯିବା ରବିବାର ଅନୁଗୋଳ ସହରରେ ଚର୍ଚ୍ଚାର ବିଷୟ ହୋଇଛି। ମିଳିଥିବା ସୂଚନା ମୁତାବକ, ତାଳଚେର ଅଞ୍ଚଳର ସମ୍ପୃକ୍ତା ମହିଳା ସ୍ୱାମୀଙ୍କ ସହ ମାର୍କେଟିଂ କରିବାକୁ ଅନୁଗୋଳ ଆସିଥିଲେ। ଫେରିବା ବେଳେ ସ୍ୱାମୀ ମେଡିଶିନ କିଣିବାକୁ ଯିବାର ସୁଯୋଗ ନେଇ ମହିଳା ଜଣଙ୍କ ପ୍ରେମିକ ସାଙ୍ଗରେ ଫେରାର ହୋଇଯାଇଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ସ୍ୱାମୀ ଅନୁଗୋଳ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ, ୭ ବର୍ଷ ତଳେ ସେମାନଙ୍କ ବିବାହ ହୋଇଥିବା ବେଳେ ଗୋଟିଏ ୪ ବର୍ଷର ଶିଶୁପୁତ୍ର ରହିଛି। କିନ୍ତୁ ମହିଳା ଜଣଙ୍କ ଅନ୍ୟ ଏକ ପୁରୁଷ ସହ କେଉଁ ଆଡ଼େ ଚାଲିଯାଇଛନ୍ତି। ଅଭିଯୋଗ ପାଇ ପୋଲିସ ତନାଘନା ଆରମ୍ଭ କରିବା ସହ ଏକ ମିସିଙ୍ଗ କେସ୍ ରୁଜୁ ହୋଇଥିବା ପୋଲିସ ସୂଚନା ଦେଇଛି।

■୯ ବର୍ଷ ହେବ ମିଳିନି ଦରମା

# ଅନଶନରେ ବସିଲେ ଆକାଉଣ୍ଟାଣ୍ଟ

ଅନୁଗୋଳ ଅଫିସ, ୨୫।୧୧




ଷଷ୍ଠ ଓ ସପ୍ତମ ବେତନ କମିଶନଙ୍କ ସୁପାରିଶ ମୁତାବକ ବେତନ ନ ପାଇବା ପ୍ରତିବାଦରେ ଅନୁଗୋଳ ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ପରିସରରେ ଉକ୍ତ କାର୍ଯ୍ୟାଳୟରେ ସିନିୟର ଆକାଉଣ୍ଟାଣ୍ଟ ଶଶୀକାନ୍ତ ମିଶ୍ର ଅନଶନରେ ବସିଛନ୍ତି। ଏହି ଅନଶନ ସମୟରେ ସେ ଫାଇଲ କାମ ବି କରୁଥିଲେ। ତେବେ ଅନଶନରୁ ଦୂରେଇ ରହିବା ପାଇଁ ଆକାଉଣ୍ଟାଣ୍ଟଙ୍କୁ ପରାମର୍ଶ ଦିଆଯାଇଥିବା ଯୋଗାଣ ଅଧିକାରୀ ଉମାଶଙ୍କର ପତି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ସାଢ଼େ ୯ ବର୍ଷ ହେବ ମିଶ୍ରଙ୍କୁ ଷଷ୍ଠ ଓ ସପ୍ତମ ବେତନ କମିଶନଙ୍କ ସୁପାରିସ ଅନୁଯାୟୀ ଦରମା ମିଳୁନାହିଁ। ଏ ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରୁ ଆରମ୍ଭ କରି ଯୋଗାଣ ବିଭାଗ ସଚିବ, ଓଡ଼ିଶା ରାଜ୍ୟ ଯୋଗାଣ ନିରାପତ୍ତା ପଦସ୍ଥ ଅଧିକାରୀଙ୍କୁ ବହୁବାର ଅବଗତ କରାଇଛନ୍ତି। କିନ୍ତୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଶେଷରେ ଅଫିସ ଭିତରେ ଅନଶନ କରିବା ପାଇଁ ସେ ନିଷ୍ପତ୍ତି ନେଇଥିଲେ। ଅନ୍ୟପକ୍ଷରେ ଯୋଗାଣ ଅଧିକାରୀ ପତି କହିଛନ୍ତି ଯେ, ଏହି ଫାଇଲ ଏମ୍‌ଡିଙ୍କ ନିକଟରେ ରହିଛି। ତେବେ ୧୫ ଦିନ ମଧ୍ୟରେ ଆକାଉଣ୍ଟାଣ୍ଟଙ୍କୁ ତାଙ୍କର ଉପଯୁକ୍ତ ଦସ୍ତାବିଜ ଦାଖଲ କରିବାକୁ ଏମ୍‌ଡି କହିଥିଲେ। କିନ୍ତୁ ସୋମବାର ହଠାତ୍ ସେ ଅନଶନରେ ବସିଥିଲେ। ଏ ନେଇ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ଅବଗତ କରାଯାଇଛି। ଆବଶ୍ୟକ ପଡ଼ିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ଛୁଟିରେ ଅନିୟମିତତା ଓ ବିଭାଗୀୟ ପ୍ରୋସେଡିଂ ପାଇଁ ଦରମା ବନ୍ଦ ହୋଇଥିବା ଅଧିକାରୀ ପତି ପ୍ରକାଶ କରିଛନ୍ତି। କିନ୍ତୁ ଆକାଉଣ୍ଟାଣ୍ଟ ମିଶ୍ର କହିଛନ୍ତି, ବିଭାଗୀୟ କର୍ତ୍ତୃପକ୍ଷ ତାଙ୍କ ବିରୋଧରେ ଜାଣିଶୁଣି ଏପରି ଷଡ଼ଯନ୍ତ୍ର ଚଳାଇଛନ୍ତି। ତେଣୁ ନ୍ୟାର୍ଯ୍ୟ ଦାବି ପାଇଁ ସେ ଲଢ଼େଇ କରୁଥିବା କହିଛନ୍ତି।

## ୧୩୯ ଜଣଙ୍କ ଚକ୍ଷୁ ପରୀକ୍ଷା

ତାଳଚେର,୨୫।୧୧(ନି.ପ୍ର.)



ତାଳଚେର ବ୍ଲକ ସାଉଥ୍‌ବଲଣ୍ଡାସ୍ଥିତ ଦିବ୍ୟଜୀବନ ସଂଘ, ଗହମ ଗ୍ରାମସ୍ଥିତ ଶିବାନନ୍ଦ ସେବାଗ୍ରାମ, ଜଗନ୍ନାଥ କ୍ଷେତ୍ର ମହିଳା ମଣ୍ଡଳ ଓ ସାଉଥବଲଣ୍ଡା ଦୁର୍ଗାମନ୍ଦିର ପରିଚାଳନା ସମିତି ପକ୍ଷରୁ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ସ୍ଥାନୀୟ ଦୁର୍ଗା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ରର ମହାପ୍ରବନ୍ଧକ ଏମ୍.ଜି. ବ୍ରହ୍ମପୁରକର ଓ ତାଙ୍କ ସ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଡା.ମନ୍ମଥ କୁମାର ମହାପାତ୍ର ଓ ଡା.ଜୟଶ୍ରୀ ରାୟଙ୍କ ତତ୍ତ୍ୱାବଧାନରେ ରୋଗୀମାନଙ୍କ ଚକ୍ଷୁ ପରୀକ୍ଷା ସହ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ୧୩୯ ଜଣ ରୋଗୀଙ୍କ ଆଖି ପରୀକ୍ଷା କରାଯାଇଥିଲା। ସେଥିରୁ ୧୯ ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯିବାକୁ ଚୟନ କରାଯାଇଥିଲା । ଶରତ ଚନ୍ଦ୍ର ସାହୁ, କେଶବ କୁମାର ମିଶ୍ର, ଅମୂଲ୍ୟ ସାହୁ, ଦାମୋଦର ଦାସ, ବିପିନ ବିହାରୀ ଦାସ ଓ ପତଞ୍ଜଳି ଯୋଗ ସମିତି ସଦସ୍ୟ ଦୁଃଖବନ୍ଧୁ ସାହୁ, ବିନୋଦ ଲାଲ ପ୍ରମୁଖ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ଗଠନ



ବଇଣ୍ଡା,୨୫।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ବଡ଼ହୁଲା ଶିବ ମନ୍ଦିର ପରିସରରେ ସୋମବାର ବଇଣ୍ଡା ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଡାକ୍ତର ଚନ୍ଦ୍ରମଣି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମଞ୍ଚ ଗଠନ ବୈଠକରେ ଅବସରପ୍ରାପ୍ତ ପଶୁ ଡାକ୍ତର ମନୋରଞ୍ଜନ ରାଉତ, ବିରଞ୍ଚି ନାୟକ, ବାଳକୃଷ୍ଣ ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ, ବିଚିତ୍ରାନନ୍ଦ ସାହୁ, ଗୁଣନିଧି ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ବୁଦ୍ଧଦେବ ଗଡ଼ନାୟକ, ଶରତଚନ୍ଦ୍ର ସାହୁଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଯୋଗ ଦେଇଥିଲେ।

## ଜେସିଆଇର ତୃତୀୟ ସାଧାରଣ ବୈଠକ




ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟମାନେ।

ତାଳଚେର,୨୩।୧୧(ନି.ପ୍ର.)

ଜୁନିୟର ଚାମ୍ବର ଇଣ୍ଟରନ୍ୟାଶନାଲ (ଜେସିଆଇ) ତାଳଚେର ଶାଖାର ତୃତୀୟ ସାଧାରଣ ବୈଠକ ସ୍ଥାନୀୟ ମଦନମୋହନ ଧର୍ମଶାଳା ଠାରେ ଅନୁଷ୍ଠିତ ହୋଇଛି। ଜେସିଆଇ ସଭାପତି ରାକେଶ ଗୁପ୍ତା ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଚଳିତ ବର୍ଷ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯିବା ସହିତ ସ୍ଥାୟୀ ପ୍ରକଳ୍ପର ଦାୟିତ୍ୱ ବିଭିନ୍ନ କର୍ମକର୍ତ୍ତାଙ୍କୁ ପ୍ରଦାନ କରାଯାଇଥିଲା। ବୃକ୍ଷରୋପଣ ଦାୟିତ୍ୱ ମନିଷ ଅଗ୍ରୱାଲ, କ୍ରୀଡ଼ା ପାଇଁ ମହେଶ ଅଗ୍ରୱାଲ, ସ୍ୱଚ୍ଛ ଭାରତ ପାଇଁ ଆଶିଷ ଅଗ୍ରୱାଲ ଏବଂ ରକ୍ତଦାନ କାର୍ଯ୍ୟକ୍ରମ ପାଇଁ ବାସୁଦେବ ସାହୁଙ୍କୁ ବାର୍ଷିକ ଆବାହକ ମନୋନୀତ କରାଯାଇଥିଲା। ଆସନ୍ତା ଡିସେମ୍ବର ୨ରୁ ମହାରାଷ୍ଟ୍ରର ନାଗପୁରରେ ହେବାକୁ ଥିବା ଜେସିଆଇର ଜାତୀୟ ସମ୍ମିଳନୀରେ ତାଳଚେର ସଦସ୍ୟମାନେ କିପରି ଅଧିକ ସଂଖ୍ୟାରେ ଯୋଗଦାନ କରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାଧାରଣ ସମ୍ପାଦକ ଦୀପ୍ତିରଞ୍ଜନ ବିଶ୍ୱାଳ, କୋଷାଧ୍ୟକ୍ଷ ବାସୁଦେବ ସାହୁ, ମନିଷ ଅଗ୍ରୱାଲ, ସରୋଜ ଗିରି, ନିର୍ଦ୍ଦେଶକ ସୁପ୍ରିୟା ଲେଙ୍କା, ପଲ୍ଲବି ଅଗ୍ରୱାଲ, ମହେଶ ଅଗ୍ରୱାଲଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ।

## ୨୭ରେ ବିକ୍ଷୋଭ କରିବ ଡିୱାଇଓ

ଅନୁଗୋଳ ଅଫିସ, ୨୫।୧୧

ନୂତନ ମୋଟରଯାନ ଆଇନ ୨୦୧୯ ଡିସେମ୍ବର ୧ରୁ ରାଜ୍ୟରେ କଡ଼ାକଡ଼ି ଲାଗୁ କରାଯିବ। ଏଥିପାଇଁ ରାଜ୍ୟ ସରକାର ପ୍ରସ୍ତୁତ ହେଉଥିବା ବେଳେ ଏହାକୁ ଅଲ୍ ଇଣ୍ଡିଆ ଡିୱାଇଓ ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି। ବର୍ଦ୍ଧିତ ଜରିମାନା ରାଶି ସମ୍ପୂର୍ଣ୍ଣ ପ୍ରତ୍ୟାହାର ଓ ମଦ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଦାବିରେ ଆସନ୍ତା ୨୭ ତାରିଖରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଏକ ପ୍ରେସ୍ ଇସ୍ତାହାରରେ ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି। ସଙ୍ଗଠନ ପକ୍ଷରୁ କୁହାଯାଇଛି ଯେ, ବଡ଼ ଧରଣର ଜରିମାନା ଦେଲେ ଲୋକେ ସଡ଼କ ନିରାପତ୍ତା ନେଇ ସଚେତନ ହେବେ ବୋଲି ସରକାର ଯୁକ୍ତି ବାଢ଼ିଛନ୍ତି। କିନ୍ତୁ ବହୁ ରାସ୍ତା ଅସୁରକ୍ଷିତ ହୋଇପଡ଼ିଛି। ଯାନବାହନ ବୃଦ୍ଧି ପାଉଥିବାସ୍ଥଳେ ଆବଶ୍ୟକ ଟ୍ରାଫିକ ବ୍ୟବସ୍ଥା ଓ ସୂଚନା ଫଳକ ନାହିଁ। ଏପରି କି ଆରଟିଓ ଅଫିସରେ ବ୍ୟାପକ ଦୁର୍ନୀତି ଯୋଗୁ ଅଯୋଗ୍ୟ ବ୍ୟକ୍ତିଙ୍କୁ ଗାଡ଼ି ଚାଳନା ପାଇଁ ଅନୁମତି ମିଳିଯାଉଛି। ମଦ ବିକ୍ରି ପ୍ରତି ପ୍ରୋତ୍ସାହନ ଯୋଗୁ ନିଶାସକ୍ତ ଗାଡ଼ି ଚାଳକଙ୍କ ବେପରୁଆ ଗାଡ଼ିଚାଳନା ପାଇଁ ଦୁର୍ଘଟଣା ବଢ଼ୁଛି। ତେଣୁ ରାସ୍ତାର ଉନ୍ନତି, ମଦ ସମ୍ପୂର୍ଣ୍ଣ ନିଷିଦ୍ଧ ସହ ବ୍ୟାପକ ସଚେତନତା ସୃଷ୍ଟି କରାଗଲେ ଦୁର୍ଘଟଣା ହ୍ରାସ ପାଇବ। ଏହି ଦାବି ନେଇ ଆସନ୍ତା ୨୭ରେ ବିଧାନସଭା ସମ୍ମୁଖ ବିକ୍ଷୋଭରେ ବହୁ ସଂଖ୍ୟାରେ ସାମିଲ ହେବାକୁ ସଙ୍ଗଠନ ରାଜ୍ୟ ଉପସଭାପତି ମାନସ ପାଳ, ଜିଲା ସଭାପତି ବିଷ୍ଣୁ ସାହୁ ପ୍ରମୁଖ ଆହ୍ୱାନ ଦେଇଛନ୍ତି।

# ୧୦୭ ଅଭିଯୋଗ ଶୁଣିଲେ ଜିଲାପାଳ

କଣିହାଁ,୨୫।୧୧(ଡି.ଏନ.ଏ.)



କଣିହାଁ ବ୍ଲକ ପବିତ୍ରମୋହନ ସଭାଗୃହରେ ସୋମବାର ଅନୁଗୋଳ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ମନୋଜ କୁମାର ମହାନ୍ତି ଯୋଗଦେଇ ୧୦୭ ଅଭିଯୋଗର ଶୁଣାଣି କରି ସମସ୍ୟା ଗୁଡ଼ିକୁ ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ କଣ୍ଟାପାଳ ଗ୍ରାମର କପିଳେଶ୍ୱର ନାୟକ, ହନୁମାନପୁରର ବସ୍ତ କୁମାର ମିଶ୍ରଙ୍କୁ ପୁଅର ଚିକିତ୍ସା ପାଇଁ ୫ ହଜାର ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଥିଲା। ସେହିପରି ଆମ୍ବପାଳ ଗ୍ରାମର କିଶୋରୀ କୁମାରୀ ବେହେରାଙ୍କୁ ଚିକିତ୍ସା ପାଇଁ ରେଡକ୍ରସ ପାଣ୍ଠିରୁ ୩ ହଜାର ଓ ବିଜିଗୋଳ ଗ୍ରାମର ଚଣ୍ଡୁ ବେହେରାଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଜିଲା ଚିକିତ୍ସା ଅଧିକାରୀ ଡ. ଅମରେନ୍ଦ୍ର ନାଥ ମହାନ୍ତି, ତାଳଚେର ଉପଜିଲାପାଳ ପରେଶ କୁମାର ନାୟକ, ପାଲଲହଡ଼ା ଏସ୍‌ଡିପିଓ ଯଶୋବନ୍ତ ସାମଲ, ତହସିଲଦାର ଅଂଶୁମାନ ଶତପଥୀ, ବିଡିଓ ରମେଶ କୁମାର ଜେନା, ସହକାରୀ ଜିଲାପାଳ ଇଶାନୀ ପଣ୍ଡା, ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଚପନରେ 'ବେବି ଶୋ'

ଅନୁଗୋଳ ଅଫିସ, ୨୫।୧୧




କୃତୀ କୁନି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଅନୁଗୋଳ ମିଶ୍ରପଡ଼ାସ୍ଥିତ ବଚପନ ପ୍ଲେ ସ୍କୁଲ ପରିସରରେ ଏକ 'ବେବି ଶୋ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶତାଧିକ କୁନି କୁନି ଶିଶୁ ଭାଗ ନେଇଥିଲେ। ପ୍ରଥମେ ଡା. ପ୍ରତାପ କୁମାର ବେହେରା ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବିଚାରକ ମଣ୍ଡଳୀରେ ଦିଲ୍ଲୀ ପବ୍ଲିକ ସ୍କୁଲ ନାଲକୋ ନଗରର ଅଧ୍ୟାପିକା ମିତାଲି ସିହ୍ନା, ନୀନା ଶର୍ମା, ବବିତା ଦାସ, ଅନୁରାଧା ଡୋଗ୍ରା ଓ ସ୍ୱାତୀ ରାୟ ଯୋଗଦେଇ ବିଭିନ୍ନ ବିଭାଗର ଶିଶୁମାନଙ୍କୁ ଚୟନ କରିଥିଲେ। ବିଚାରକ ମଣ୍ଡଳୀର ନିଷ୍ପତ୍ତି ଅନୁଯାୟୀ ବିଭିନ୍ନ ସ୍ତରରେ ବିଜୟୀ ହୋଇଥିବା ଶିଶୁମାନଙ୍କୁ ମେଡାଲ, ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ନିର୍ଦ୍ଦେଶକ ଅଲ୍ଲୀ ଦାମାନୀଙ୍କ ନେତୃତ୍ୱରେ ଅଧ୍ୟକ୍ଷା ଯସ୍‌ପାଲ ପଟ୍ଟନାୟକ, ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସହଯୋଗରେ ଏହି 'ବେବି ଶୋ'ର ପରିଚାଳନା ହୋଇଥିଲା। ଶେଷରେ ସ୍କୁଲର ନିର୍ଦ୍ଦେଶିକା ସଲିମା ଦାମାନୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

■ଅନୁଗୋଳ ଷ୍ଟାଡିୟମରେ ପାରା କ୍ରୀଡ଼ା ପ୍ରତିଯୋଗିତା

# 'ଭିନ୍ନକ୍ଷମଙ୍କ ଅଧିକାର ପ୍ରତି ଯତ୍ନବାନ ହୁଅ'

ଅନୁଗୋଳ ଅଫିସ, ୨୫।୧୧




କ୍ରୀଡ଼ା ପ୍ରତିଯୋଗିତାକୁ ଆସିଥିବା ପ୍ରତିଯୋଗୀମାନେ।

ଅନୁଗୋଳ ଷ୍ଟାଡିୟମଠାରେ ଭିନ୍ନକ୍ଷମ ବିଦ୍ୟାଳୟ ସମୂହର ପାରା କ୍ରୀଡ଼ା ପ୍ରତିଯୋଗିତା ସୋମବାରଠାରୁ ଆରମ୍ଭ ହୋଇଛି। ଜିଲା ସାମାଜିକ ନିରାପତ୍ତା ବିଭାଗ ଓ ଜିଲା ସମଗ୍ର ଶିକ୍ଷା ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କ୍ରୀଡ଼ା ପ୍ରତିଯୋଗିତାକୁ ଜିଲାପାଳ ମନୋଜ କୁମାର ମହାନ୍ତି ଉଦ୍‌ଘାଟନ କରି ଭିନ୍ନକ୍ଷମ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଉଚିତ ସମ୍ମାନ ପ୍ରଦର୍ଶନ ସହ ବିଭିନ୍ନ କ୍ଷେତ୍ରରେ ସେମାନଙ୍କୁ ଉତ୍ସାହିତ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଭିନ୍ନକ୍ଷମମାନଙ୍କ ମଧ୍ୟରେ ଅନେକ ପ୍ରତିଭା ରହିଛି। ଏହି ପ୍ରତିଭା ବଳରେ ସେମାନେ ଅନେକ ପାରଦର୍ଶିତା ପ୍ରଦର୍ଶନ କରି ଦେଶ ତଥା ରାଜ୍ୟର ସୁନାମ ବଢ଼ାଇଛନ୍ତି। ତେଣୁ ସେମାନେ ତାଙ୍କର ନ୍ୟାଯ୍ୟ ଦାବି କିପରି ହାସଲ କରିପାରିବେ ସେଥିପାଇଁ ବିଭାଗୀୟ ଅଧିକାରୀମାନେ ବିଶେଷ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ସମଗ୍ର ଶିକ୍ଷାର ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମାଧବ ଚନ୍ଦ୍ର ବରାଳ, ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବରୁଆ ଓ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ପ୍ରମୁଖ ଯୋଗଦେଇଥିଲେ। ଜିଲାରେ ବର୍ତ୍ତମାନ ସୁଦ୍ଧା ୧୬ ହଜାର ୭୨୦ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ ସରିଛି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ସମସ୍ତ ୮ଟି ବ୍ଲକ ଓ ସ୍ୱତନ୍ତ୍ର ବିଦ୍ୟାଳୟ ଗୁଡ଼ିକରୁ ୨୫୦ ଜଣ ଭିନ୍ନକ୍ଷମ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ମଙ୍ଗଳବାର, ନଭେମ୍ବର ୨୬/୨୦୧୯ Dhenkanal, Tuesday, November 26 / 2019

# ୧୫୭ ଅଭିଯୋଗର ସମାଧାନ




ଜନ ଅଭିଯୋଗ ଶୁଣାଣି ଶିବିର।

**ଢେଙ୍କାନାଳ ଅଫିସ, ୨୫।୧୧**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଅଭିଯୋଗର ଶୁଣାଣି କରିଥିଲେ। ଭତ୍ତା, ଆବାସ ଯୋଜନା, ପୋଲିସ ସମ୍ପର୍କିତ ମାମଲା ସମେତ ମୋଟ ୨୧୬ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରୁ ୧୫୭ଟିର ତ୍ୱରିତ ସମାଧାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠି ପାଇଁ ୩ଜଣ, ରେଡ୍‌କ୍ରସ୍ ସହାୟତା ବାବଦକୁ ୬ଜଣ ଆବେଦନ କରିଥିଲେ। ୯ଜଣଙ୍କୁ ଜୀବନଜୀବିକା, ବ୍ୟକ୍ତିଗତ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ଓ ରେଡ୍‌କ୍ରସ୍‌ରୁ ୫୯,୫୦୦ଟଙ୍କା ପ୍ରଦାନ କରାଯାଇଛି।

ଏସ୍‌ପି ଅନୁପମା ଜେମ୍‌ସ, ପିଡି ଡିଆରଡିଏ ନରୋତ୍ତମ ବେହେରା, ସିଡିଏମଓ ଡା. ନିରଞ୍ଜନ ମିଶ୍ର, ଉପଜିଲାପାଳ ସାଫଲ୍ୟମଣ୍ଡିତ ପ୍ରଧାନ, ଜିଲା ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର, ସମାଜ କଲ୍ୟାଣ ଅଧିକାରୀ ଜୟନ୍ତୀ ବେହେରା, ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ସହକାରୀ ଜିଲାପାଳ (ଜରୁରିକାଳୀନ ବିଭାଗ) ଶଶାଙ୍କ ଶେଖର ମିଶ୍ର, ସହକାରୀ ଜିଲାପାଳ (ପିଜି ସେଲ) ସିତାଂଶୁ ଶେଖର ଦାସ, ବ୍ଲକ ଅଧକ୍ଷା ଗୀତାଞ୍ଜଳି ଭୂୟାଁ, ଏବିଡିଓ କିଶୋର ସାହୁ, ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ମିଶ୍ର, ଅଧିକାରୀ ଲଳିତ ମାଧବ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆକ୍ରମଣ ମାମଲାର ଅଭିଯୁକ୍ତ ନିର୍ଦ୍ଦୋଷ

**କାମାକ୍ଷାନଗର, ୨୫।୧୧(ଡି.ଏନ.ଏ.)**

କାମାକ୍ଷାନଗର ସହକାରୀ ଦୌରାଜଜ୍‌ଙ୍କ ଅଦାଲତରେ ଶନିବାର ଏକ ଆକ୍ରମଣ ମାମଲାର ରାୟ ପ୍ରକାଶ ପାଇଛି। ସାକ୍ଷ୍ୟ ପ୍ରମାଣ ଅଭାବରୁ ବିଚାରପତି ଇନ୍ଦୁ ଶର୍ମା ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଭୁବନ ଥାନା କନ୍ହେଇପାଳ ଗ୍ରାମର ମହେଶ୍ୱର ସାହୁଙ୍କ ଉପରେ ୨୦୧୭ ଫେବୃୟାରୀ ୨୫ରେ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଥିଲା। ଜମିଜମା ବିବାଦକୁ ନେଇ ଗ୍ରାମର ବିଦ୍ୟାଧର ସାହୁ, ଗଦାଧର ସାହୁ ତାଙ୍କୁ ଠେଙ୍ଗା, ଫାଉଡ଼ାରେ ଆକ୍ରମଣ କରିଥିବା ସେ ଏତଲାରେ ଦର୍ଶାଇଥିଲେ। ଏ ନେଇ ନଂ. ୩୯/୧୭ରେ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତଙ୍କ ତରଫରୁ ଆଇନଜୀବୀ ମନ୍ମଥ ମିଶ୍ର, ଅଶୋକ ଖୁଣ୍ଟିଆ, ସର୍ବଜିତ୍ ଜୀ ମାମଲା ପରିଚାଳନା କରିଥିଲେ।

# ଟାଟାଷ୍ଟିଲ ବିଏସ୍‌ଏଲ୍ ପକ୍ଷରୁ ସିଲେଇ ପ୍ରଶିକ୍ଷଣ




ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମହିଳାଙ୍କ ସମେତ ଅନ୍ୟମାନେ।

**ଓଡ଼ାପଡ଼ା, ୨୫।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ବିଏସ୍‌ଏଲ୍ ପକ୍ଷରୁ ସ୍ଥାନୀୟ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ରବିବାରଠାରୁ ଆରମ୍ଭ ହୋଇଛି ସିଲେଇ ପ୍ରଶିକ୍ଷଣ ଶିବିର। ପ୍ରଥମ ପର୍ଯ୍ୟାୟରେ ପ୍ଲାଣ୍ଟ ପାର୍ଶ୍ୱବର୍ତ୍ତୀ କୁରୁଣ୍ଟି, ନୂଆଗାଁର ୬୦ଜଣ ମହିଳାଙ୍କୁ ଏଥିରେ ସାମିଲ କରାଯାଇଛି। ପ୍ରଶିକ୍ଷଣ ଶେଷ ହେବା ପରେ ସେମାନଙ୍କୁ ନିଜସ୍ୱ ଉଦ୍ୟୋଗ ଆରମ୍ଭ କରିବାକୁ ଉତ୍ସାହିତ କରାଯିବ। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମରେ ୨୦୦ ମହିଳାଙ୍କୁ ସାମିଲ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

କମ୍ପାନୀର ସୁନୀଲ ରାଉତ, ଅଞ୍ଚଳର ବରିଷ୍ଠ କ୍ରୀଡ଼ା ବିଶେଷଜ୍ଞ କନିଷ୍କ ପାଣ୍ଡେ ଉପସ୍ଥିତ ରହି ତାଲିମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କମ୍ପାନୀର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ବିଭାଗ ମୁଖ୍ୟ ଦିବ୍ୟହାସ ରାୟ, ବରିଷ୍ଠ ଅଧିକାରୀ ଆଶୁତୋଷ ଦାସ, ରେଣୁକା ସିଂ ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାନୀର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ଶିବିରର ମୂଳଲକ୍ଷ୍ୟ ହେଲା ଗ୍ରାମାଞ୍ଚଳର ମହିଳା ଏବଂ ଯୁବତୀଙ୍କ ଦକ୍ଷତା ବିକାଶ କରାଇବା। ସେମାନଙ୍କ ଜୀବନଧାରଣର ମାନ ବୃଦ୍ଧି କରି ଆର୍ଥିକ ପ୍ରଗତିରେ ସାମିଲ କରିବା। ଏଥିପାଇଁ ଜଣେ ପ୍ରଶିକ୍ଷିତ ତାଲିମଦାତାଙ୍କୁ ନିଯୁକ୍ତି ଦିଆଯାଇଛି। ପର୍ଯ୍ୟାୟକ୍ରମେ ଏହାକୁ ଅନ୍ୟ ଗ୍ରାମଗୁଡ଼ିକରେ ମଧ୍ୟ ଆରମ୍ଭ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଯୌତୁକଜନିତ ହତ୍ୟା ଅଭିଯୋଗ

**ଭୁବନ, ୨୫।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ଥାନା ଅଧୀନ ସୁରପ୍ରତାପପୁର ଡିହସାହିରେ ସୋମବାର ଜଣେ ମହିଳାଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ବାଲୁଆ (ବି) ଗ୍ରାମର ବାଳକୃଷ୍ଣ ପରିଡ଼ାଙ୍କ ଝିଅ ବନିତା (୨୩)। ଅନ୍ୟପଟେ ଯୌତୁକ ପାଇଁ ଶାଶୁଘର ଲୋକେ ଝିଅଙ୍କୁ ହତ୍ୟା କରିଥିବା ମୃତ ମହିଳାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୩୧୫/୧୯, ଦଫା ୪୯୮(ଏ), ୩୦୪ (ବି), ୩୦୨, ୩୪ ଆଇପିସି ଏବଂ ୪ଡିପି ଆକ୍ଟରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ସ୍ୱାମୀ ପ୍ରତାପ ରାଉତ (୨୯)ଙ୍କୁ ପୋଲିସ ଗିରଫ କରିଥିବାବେଳେ ଶାଶୁ, ଶ୍ୱଶୁର ଫେରାର ଅଛନ୍ତି। ଅଭିଯୋଗ ଅନୁଯାୟୀ, ବନିତାଙ୍କ ବିବାହ ୨୦୧୮ ମେ ମାସରେ ସୁରପ୍ରତାପପୁର ଡିହସାହିର ଭୋଳେଶ୍ୱର ରାଉତଙ୍କ ପୁଅ ପ୍ରତାପଙ୍କ ସହ ବୈଦିକ ରୀତିରେ ହୋଇଥିଲା। ଶାଶୁଘର ଲୋକଙ୍କ ଦାବି ଅନୁଯାୟୀ ଜାନି ଯୌତୁକ ଦିଆଯାଇଥିଲା। ବିବାହର କିଛି ଦିନ ପରେ ଶାଶୁଘରେ ବନିତାଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇଥିଲା। ଏପରି କି ତାଙ୍କୁ ମାର୍‌ପିଟ କରାଯାଉଥିବା ନେଇ ସେ ଘର ଲୋକଙ୍କୁ ଜଣାଇଥିଲେ। ସୋମବାର ସକାଳେ ବନିତା ଆତ୍ମହତ୍ୟା କରିଥିବା ନେଇ ଶାଶୁଘର ଲୋକେ ଫୋନ କରି କହିଥିଲେ। ହେଲେ ଝିଅକୁ ହତ୍ୟା କରାଯାଇଛି ବୋଲି ବନିତାଙ୍କ ମା' ଅହଲ୍ୟା ପରିଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଥାନାଧିକାରୀ ନିର୍ମଳା ଗୋଚ୍ଛାୟତ ସଦଳବଳ ପହଞ୍ଚି ଅଭିଯୁକ୍ତ ସ୍ୱାମୀ ପ୍ରତାପଙ୍କୁ ଗିରଫ କରିଥିଲେ। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ତହସିଲଦାର ଶକ୍ତିକାନ୍ତ ରାୟଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା।

## ଆଜି କ'ଣ କେଉଁଠି

**ଢେଙ୍କାନାଳ**

■ଆଇନ ଦିବସ ପାଳନ
ସ୍ଥାନ: ଜିଲା ବାର ଆସୋସିଏଶନ ହଲ୍
ସମୟ: ଅପରାହ୍ନ ୪ଟା।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ